# NATIONAL NEWS BULLETIN (ODIA)

**9 September- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ଉପରାଷ୍ଟ୍ରପତି ପଦ ପାଇଁ ନୂଆ ସଂସଦ ଭବନରେ ଚାଲିଛି ମତଦାନ।

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ମତଦାନ କଲେ ବହୁ ସାଂସଦ ।

- ଆଜି ବନ୍ୟା ପ୍ରଭାବିତ ପଞ୍ଜାବ ଓ ହିମାଚଳପ୍ରଦେଶ ଗସ୍ତ କରୁଛନ୍ତି ପ୍ରଧାନମନ୍ତ୍ରୀ ।

- ୮ ଦିନିଆ ଭାରତ ଗସ୍ତରେ ଆସି ମୁମ୍ବାଇରେ ପହଞ୍ଚିଲେ ମରିସସ୍‌ର ପ୍ରଧାନମନ୍ତ୍ରୀ ।

- ନେପାଳରେ ରହୁଥିବା ଭାରତୀୟଙ୍କୁ ସତର୍କତା ଅବଲମ୍ବନ ଲାଗି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ପରାମର୍ଶ ।

ଏବଂ

- ଆବୁଧାବିରେ ଆଜିଠାରୁ ଆରମ୍ଭ ହେଉଛି ୧୭ତମ ଏସିଆ କପ୍ କ୍ରିକେଟ ।

# ଭିପି ଇଲେକ୍ସନ

ଦିଲ୍ଲୀର ନୂତନ ସଂସଦ ଭବନରେ ଉପରାଷ୍ଟ୍ରପତି ନିର୍ବାଚନ ଚାଲିଛି । ଜାତୀୟ ଗଣତାନ୍ତ୍ରିକ ମେଣ୍ଟ ଏନ୍‌ଡିଏ ପ୍ରାର୍ଥୀ ମହାରାଷ୍ଟ୍ର ରାଜ୍ୟପାଳ ସି.ପି. ରାଧାକୃଷ୍ଣନ ଏବଂ ଇଣ୍ଡିଆମେଣ୍ଟ ପ୍ରାର୍ଥୀ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ବି. ସୁଦର୍ଶନ ରେଡ୍ଡୀଙ୍କ ମଧ୍ୟରେ ମୁକାବିଲା ହେଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପ୍ରଥମେ ନୂଆ ସଂସଦ ଭବନକୁ ଯାଇ ମତଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂହ, ଅଶ୍ୱିନୀ ବୈଷ୍ଣବ, ଜିତେନ୍ଦ୍ର ସିଂହ, ପ୍ରହଲ୍ଲାଦ ଯୋଶୀ, ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ, ଜେଡିଏସ୍ ସାଂସଦ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି.ଦେବେଗୌଡା, ରାଜ୍ୟସଭାର ବିରୋଧୀଦଳ ନେତା ତଥା କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ, ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ବରିଷ୍ଠ କଂଗ୍ରେସ ସାଂସଦ ସୋନିଆ ଗାନ୍ଧୀ, ଡିଏମ୍‌କେ ସାଂସଦ ଦୟାନିଧି ମାରାନ, ସମାଜବାଦୀ ପାର୍ଟି ସାଂସଦ ରାମଗୋପାଳ ଯାଦବ ଏବଂ ଜେଡିୟୁ ସାଂସଦ ସଞ୍ଜୟ ଝା ମତଦାନ କରିଛନ୍ତି । ଅନ୍ୟ ସାଂସଦ ମାନେ ସଂସଦ ଭବନରେ ମତଦାନ କରିବା ଲାଗି ଉପସ୍ଥିତ ହୋଇଛନ୍ତି ।

ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ପୂର୍ବରୁ ଇଲେକ୍ଟୋରାଲ୍ କଲେଜ୍ ଗଠନ ସରିଛି । ଏଥିରେ ସଂସଦର ଉଭୟ ଗୃହର ସଦସ୍ୟମାନେ ରହିଛନ୍ତି । ଗୁପ୍ତ ମତଦାନ ଜରିଆରେ ଇଲେକ୍ଟୋରାଲ୍ କଲେଜ୍‌ର ସଦସ୍ୟମାନେ ମତଦାନ କରୁଛନ୍ତି । ଏକକ ସ୍ଥାନାନ୍ତରଣୀୟ ଭୋଟ୍ ମାଧ୍ୟମରେ ଆନୁପାତିକ ପ୍ରତିନିଧିତ୍ୱ ବ୍ୟବସ୍ଥା ଦ୍ୱାରା ଏହି ପ୍ରକ୍ରିୟା ସମ୍ପନ୍ନ ହୋଇଥାଏ । ସମ୍ପୃକ୍ତ ସଦସ୍ୟମାନେ ନିଜ ଇଚ୍ଛା ମୁତାବକ

ଯେକୌଣସି ପ୍ରାର୍ଥୀଙ୍କୁ ଭୋଟ୍ ଦେଇପାରିବେ, ଏଥିପାଇଁ କୌଣସି ଦଳୀୟ ହ୍ୱିପ୍ ବାଧ୍ୟବାଧକତା ହେବ ନାହିଁ । ପ୍ରତ୍ୟେକ ଭୋଟ୍‌ର ମୂଲ୍ୟ ସମାନ ରହିବ । ବର୍ତ୍ତମାନ ଲୋକସଭାରେ ୫୪୨ ଜଣ ଏବଂ ରାଜ୍ୟସଭାରେ ୨୩୯ ଜଣ ସଦସ୍ୟ ରହିଛନ୍ତି । ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ୭୮୧ରୁ ୩୯୧ ଖଣ୍ଡ ଭୋଟ୍ ପାଇଥିବା ପ୍ରାର୍ଥୀଙ୍କୁ ବିଜୟୀ ଘୋଷଣା କରାଯିବ । ଆଜି ସକାଳ ୧୦ଟାରୁ ଆରମ୍ଭ ହୋଇଥିବା ମତଦାନ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଚାଲିବ । ସନ୍ଧ୍ୟା ୬ଟା ପରେ ଭୋଟ୍ ଗଣତି କରାଯିବ ।

---

## ପିଏମ୍-ସିପି ରାଧାକ୍ରିଷ୍ଣନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଉପରାଷ୍ଟ୍ରପତି ପଦ ପାଇଁ ସି.ପି. ରାଧାକ୍ରିଷ୍ଣନ୍‌ଙ୍କ ପ୍ରାର୍ଥୀତ୍ୱ ସାରା ଦେଶରେ ପ୍ରବଳ ଉତ୍ସାହ ସୃଷ୍ଟି କରିଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ଲୋକମାନେ ବିଶ୍ୱାସ କରନ୍ତି ଯେ ଶ୍ରୀ ରାଧାକ୍ରିଷ୍ଣନ୍ ଜଣେ ସଫଳ ଉପରାଷ୍ଟ୍ରପତି ହେବା ସହ ତାଙ୍କ ଜ୍ଞାନ ଏବଂ ଅନ୍ତର୍ଦୃଷ୍ଟି ବଳରେ ଉପରାଷ୍ଟ୍ରପତି କାର୍ଯ୍ୟାଳୟକୁ ଆହୁରି ସମୃଦ୍ଧ କରିବେ ।

---

## ପିଏମ୍ ଏକ୍ସ ପୋଷ୍ଟ-ପଞ୍ଜାବ/ଏଚ୍‌ପି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ବନ୍ୟା ପ୍ରଭାବିତ ପଞ୍ଜାବ ଏବଂ ହିମାଚଳ ପ୍ରଦେଶ ଗସ୍ତ କରି ରିଲିଫ୍ ଓ ଉଦ୍ଧାର କାର୍ଯ୍ୟର ସମୀକ୍ଷା କରିବେ । କିଛିସମୟ ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ସେ ସାମାଜିକ ଗଣମାଧ୍ୟମରେ ଜଣାଇଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି କେନ୍ଦ୍ର ସରକାର ଏଭଳି ଘଡିସନ୍ଧି ମୁହୂର୍ତ୍ତରେ ପ୍ରଭାବିତ ଲୋକମାନଙ୍କ ସହ ଅଛନ୍ତି ।

ସୂଚନା ଅନୁଯାୟୀ ଆଜି ଅପରାହ୍ଣରେ ପ୍ରଧାନମନ୍ତ୍ରୀ ହିମାଚଳ ପ୍ରଦେଶର କାଙ୍ଗରା ଜିଲ୍ଲା ଅନ୍ତର୍ଗତ ଧର୍ମଶାଳାରେ ପହଞ୍ଚିବେ । ସେଠାରେ ଶ୍ରୀ ମୋଦୀ ରାଜ୍ୟର ଉଚ୍ଚସ୍ତରୀୟ ପଦାଧିକାରୀଙ୍କ ସହ ଏକ ସମୀକ୍ଷା ବୈଠକ କରିବାର କାର୍ଯ୍ୟକ୍ରମ ରହିଛି ।

ହିମାଚଳ ପ୍ରଦେଶ ପରେ ପ୍ରଧାନମନ୍ତ୍ରୀ ପଞ୍ଜାବର ବନ୍ୟା ପ୍ରଭାବିତ ଅଞ୍ଚଳ ଗୁଡ଼ିକୁ ଆକାଶମାର୍ଗରୁ ନିରୀକ୍ଷଣ କରିବେ । ୪ଟା ୧୫ମିନିଟ୍‌ରେ ଅପରାହ୍ଣରେ ଶ୍ରୀ ମୋଦୀ ଗୁରୁଦାସପୁରରେ ପହଞ୍ଚିବା ପରେ ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିବେ ଏବଂ ଏକ ଉଚ୍ଚସ୍ତରୀୟ ବୈଠକରେ କ୍ଷୟକ୍ଷତି ଆକଳନ ନେଇ ସମୀକ୍ଷା କରିବାର କାର୍ଯ୍ୟକ୍ରମ ରହିଛି ।

---

## ମରିସସ୍ ପିଏମ୍ ଭିଜିଟ୍

ମରିସସ୍ ପ୍ରଧାନମନ୍ତ୍ରୀ ଡକ୍ଟର ନବୀନ ଚନ୍ଦ୍ର ରାମଗୁଲାମ୍ ଆଜିଠାରୁ ୮ ଦିନିଆ ଭାରତ ଗସ୍ତରେ ଆସି ମୁମ୍ବାଇରେ ପହଞ୍ଚିଛନ୍ତି । ଚଳିତ ପ୍ରଧାନମନ୍ତ୍ରୀତ୍ୱ କାଳରେ ଡକ୍ଟର ରାମଗୁଲାମ୍‌ଙ୍କ ଏହା ପ୍ରଥମ ଭାରତ ଗସ୍ତ । ସେ ପୂର୍ବରୁ ୨୦୧୪ ମେ ମାସରେ ଭାରତ ଗସ୍ତରେ ଆସି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଶପଥଗ୍ରହଣ ଉତ୍ସବରେ ଯୋଗଦେଇଥିଲେ ।

ଆଜିଠାରୁ ଆରମ୍ଭ ହେଉଥିବା ଗସ୍ତ କାଳରେ ଡକ୍ଟର ରାମଗୁଲାମ୍ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ସାକ୍ଷାତ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ସେ ମଧ୍ୟ ଦୁଇ ଦେଶ ମଧ୍ୟରେ ବିସ୍ତାରିତ ରଣନୈତିକ ସହଭାଗିତା ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହିତ ଆଲୋଚନା କରିବେ । ଗସ୍ତ କାଳରେ ମରିସସ୍ ପ୍ରଧାନମନ୍ତ୍ରୀ ମୁମ୍ବାଇ, ବାରାଣସୀ, ଅଯୋଧ୍ୟା ଏବଂ ତିରୁପତି ଗସ୍ତ କରିବା ସହ କେତେକ ବାଣିଜ୍ୟିକ ମଣ୍ଡଳୀ ବୈଠକରେ ଯୋଗଦେବେ ।

ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଭାରତ ଏବଂ ମରିସସ୍ ମଧ୍ୟରେ ଏକ ସ୍ୱତନ୍ତ୍ର ସମ୍ପର୍କ ରହିଛି; ଯାହା ମୁଳତଃ ଇତିହାସ, ସଂସ୍କୃତି ଏବଂ ଲୋକସମ୍ପର୍କ ଉପରେ ଆଧାରିତ । ଭାରତର ଭିଜନ ମହାସାଗର ଏବଂ ପ୍ରଥମେ ପଡୋଶୀ ନୀତିରେ ମରିସସ୍‌କୁ ଭାରତ ସବୁବେଳେ ଗୁରୁତ୍ୱ ଦେଇ ଆସିଛି । ଗ୍ଲୋବାଲ ସାଉଥ୍ କ୍ଷେତ୍ରରେ ମଧ୍ୟ ମରିସସ୍ ଭାରତର ଏକ ସହଯୋଗୀ ଭାବେ ଉଭା ହୋଇଛି । ପୂର୍ବରୁ ଭାରତ ମରିସସ୍ ସମ୍ପର୍କନେଇ ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ...

**V/O (PM Modi on Marisus)**

---

# ଜିଏସ୍‌ଟି ରିଫର୍ମ-ଟେକ୍ସଟାଇଲ୍

ଗତମାସ ୧୫ ତାରିଖରେ ନୂଆଦିଲ୍ଲୀର ଲାଲକିଲ୍ଲାରୁ ସ୍ୱାଧୀନତା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଘୋଷଣା କରିଥିବା ପରବର୍ତ୍ତୀ ପିଢ଼ିର ଜିଏସଟି ସଂସ୍କାରକୁ ଜିଏସ୍‌ଟି ପରିଷଦ ସଫଳ ଭାବେ କାର୍ଯ୍ୟକାରୀ କରିଛି । ଗତ ୩ ତାରିଖରେ ଅନୁଷ୍ଠିତ ପରିଷଦ ବୈଠକରେ ୪ ଥାକିଆ ଜିଏସଟି ସ୍ଲାବକୁ କେବଳ ୫ ଏବଂ ୧୮ ପ୍ରତିଶତ ଭଳି ଦୁଇଟି ସ୍ଲାବରେ ସୀମିତ ରଖାଯାଇଛି । ଜନସାଧାରଣଙ୍କ ଜୀବନଧାରଣକୁ ସହଜ କରିବା ପାଇଁ ଅନେକ ଗୁଡ଼ିଏ କ୍ଷେତ୍ରରେ ଜିଏସଟି ହାର ସଂପୂର୍ଣ୍ଣ ଉଚ୍ଛେଦ କରାଯାଇଥିବା ବେଳେ ଆଉ କେତେକ କ୍ଷେତ୍ରରେ ଏହାକୁ ହ୍ରାସ କରାଯାଇଛି । ପ୍ରସାଧନ ସାମଗ୍ରୀ କ୍ଷେତ୍ରରେ ମଧ୍ୟ ଏହି ଜିଏସଟି ସଂସ୍କାର ଏକ ବଡ଼ ପରିବର୍ତ୍ତନ ଆଣିବ ବୋଲି ମତ ପ୍ରକାଶ ପାଇଛି ।

ଏ ସମ୍ପର୍କରେ ଜଣେ କଲେଜ ଛାତ୍ରୀ କହିଛନ୍ତି...

**V/O (Student Female GST)**

ଜି.ଏସ୍.ଟି. ପରିଷଦ ବୈଠକର ନିଷ୍ପତ୍ତି ଅନୁଯାୟୀ ଅନେକ ପ୍ରସାଧନ ସାମଗ୍ରୀ ଉପରେ ଜି.ଏସ୍.ଟି. ହାର ୧୮ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି । କେଶ ତୈଳ, ସାମ୍ପୋ, ସେଭିଂ କ୍ରିମ୍, ସେଭିଂ ଲୋସନ୍, ଟୁଥ୍‌ପେଷ୍ଟ, ଦେହଲଗା ପାଉଡର୍ ଏବଂ ଫେସ୍ ପାଉଡର୍ ଶସ୍ତା ହୋଇଛି । ଦାନ୍ତଘଷା ପାଉଡର୍ ଉପରେ ମଧ୍ୟ ଜି.ଏସ୍.ଟି. ହାର ୧୨ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି । ସାଧାରଣ ଲୋକଙ୍କ ପ୍ରସାଧନ ସାମଗ୍ରୀ ବ୍ୟବହାର ଅଭ୍ୟାସକୁ ଏହା ବୃଦ୍ଧି କରିବ ବୋଲି କୁହାଯାଇଛି । ସାଧାରଣ ଜନତା ପରବର୍ତ୍ତୀ ପିଢ଼ି ଜି.ଏସ୍.ଟି. ସଂସ୍କାରକୁ ସ୍ୱାଗତ କରିବା ସହ ଭାରତ ଭଳି ଦେଶରେ ପ୍ରସାଧନ ସାମଗ୍ରୀ ଉପରେ ଟିକସ ହ୍ରାସ ସଂଚୟର ଅଭ୍ୟାସକୁ ପ୍ରୋତ୍ସାହିତ କରିବ ବୋଲି ମତପ୍ରକାଶ ପାଇଛି । ଅନ୍ୟଜଣେ କଲେଜ ଛାତ୍ର ଜିଏସ୍‌ଟି ସଂସ୍କାରକୁ ସ୍ୱାଗତ କରି କହିଛନ୍ତି...

**V/O (Javed Student GST)**

---

## ଏମ୍ଇଏ – ଇଣ୍ଡିଆ ନେପାଳ

କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ନେପାଳରେ ରହୁଥିବା ସମସ୍ତ ଭାରତୀୟଙ୍କୁ ସତର୍କତା ଅବଲମ୍ବନ କରିବା ଲାଗି ପରାମର୍ଶ ଦିଆଯାଇଛି । ନେପାଳ ପ୍ରଶାସନ ପକ୍ଷରୁ ଯେଉଁ ନିର୍ଦ୍ଦେଶାବଳୀ ଜାରି କରାଯିବ ସେଗୁଡ଼ିକର ଅନୁପାଳନ କରିବା ଲାଗି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ଏକ ବାର୍ତ୍ତାରେ ମନ୍ତ୍ରଣାଳୟ କହିଛି ଯେ ଭାରତ ସରକାର ନେପାଳରେ ଘଟୁଥିବା ଘଟଣା ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି ଏବଂ ପ୍ରାଣ ହରାଇଥିବା ବିକ୍ଷୋଭକାରୀଙ୍କ ଲାଗି

ଦୁଃଖପ୍ରକାଶ କରିଛନ୍ତି । ଆଲୋଚନା ଜରିଆରେ ଘଟଣାର ଶାନ୍ତିପୂର୍ଣ୍ଣ ସମାଧାନ ଲାଗି ମନ୍ତ୍ରଣାଳୟ ଆହ୍ୱାନ ଦେଇଛି ।

---

## ୟୁଏନ୍ ସ୍ପୋକ୍ସପର୍ସନ ନେପାଳ

ନେପାଳ ପରିସ୍ଥିତି ଉପରେ ଜାତିସଂଘ ତୀକ୍ଷ୍ଣ ଦୃଷ୍ଟି ରଖିଥିବା କହିଛି । ଜାତିସଂଘ ମହାସଚିବଙ୍କ ମୁଖପାତ୍ର ଷ୍ଟିଫେନ ଦୁଜାରିକ କହିଛନ୍ତି ନେପାଳ ପ୍ରଶାସନ ଅଭିବ୍ୟକ୍ତିରେ ସ୍ୱାଧୀନତା ଏବଂ ଶାନ୍ତିପୂର୍ଣ୍ଣ ସମ୍ମେଳନର ଅଧିକାରକୁ ସମ୍ମାନ ଦେଉଛନ୍ତି । ବଳପ୍ରୟୋଗ କ୍ଷେତ୍ରରେ ସୁରକ୍ଷା ବଳଗୁଡ଼ିକ ମୌଳିକ ନୀତିକୁ ଅନୁସରଣ କରିବାର ଆବଶ୍ୟକତା ରହିଛି ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି ।

ଗତକାଲି ନେପାଳରେ ସାମାଜିକ ଗଣମାଧ୍ୟମ ଗୁଡ଼ିକ ଉପରୁ ପ୍ରତିବନ୍ଧକ ହଟାଇବା ଦାବିରେ ହୋଇଥିବା ବିକ୍ଷୋଭ ପ୍ରଦର୍ଶନ ବେଳେ ୧୯ଜଣଙ୍କ ମୃତ୍ୟୁ ଘଟଣାରେ ଶ୍ରୀ ଦୁଜାରିକ ଦୁଃଖପ୍ରକାଶ କରିଛନ୍ତି । ସେ କହିଛନ୍ତି ଉଭୟ ସରକାର ଏବଂ ବିକ୍ଷୋଭକାରୀମାନଙ୍କ ମଧ୍ୟରେ ଆଲୋଚନା ମାଧ୍ୟମରେ ଘଟଣାର ଶାନ୍ତିପୂର୍ଣ୍ଣ ସମାଧାନ କରାଯିବା ଉଚିତ୍ ।

---

## ନେପାଳ ପ୍ରୋଟେଷ୍ଟ

ନେପାଳ ସରକାର ସାମାଜିକ ଗଣମାଧ୍ୟମ ଗୁଡ଼ିକ ଉପରେ ଜାରି କରିଥିବା ପ୍ରତିବନ୍ଧକ ପ୍ରତ୍ୟାହାର କରିଛନ୍ତି । ଗତକାଲି ଏହି ନିଷ୍ପତ୍ତିକୁ ବିରୋଧ କରି ବିକ୍ଷୋଭ ପ୍ରଦର୍ଶନ ସମୟରେ ୧୯ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୩୦୦ରୁ ଅଧିକ ଆହତ ହୋଇଛନ୍ତି । ଏହି ଘଟଣାର ତଦନ୍ତ କରିବା ଲାଗି ନେପାଳ ପ୍ରଧାନମନ୍ତ୍ରୀ କେ.ପି.ଶର୍ମା ଓଲି ଏକ

ତଦନ୍ତକାରୀ ଦଳ ଗଠନ କରିଛନ୍ତି । ସେ କହିଛନ୍ତି ମୃତକଙ୍କ ପରିବାରକୁ ସହାୟତା ଯୋଗାଇ ଦିଆଯିବ ଏବଂ ଆହତମାନଙ୍କୁ ମୁକ୍ତ ଚିକିତ୍ସା ଯୋଗାଇ ଦିଆଯିବ । ପୂର୍ବରୁ ନେପାଳ ସରକାର କାଠମାଣ୍ଡୁ, ପୋଖରା, ଇଟାହାରି ପ୍ରଭୃତି ଅଞ୍ଚଳରେ କୌଣସି ଅପ୍ରୀତିକର ଘଟଣାକୁ ଏଡାଇବା ପାଇଁ କର୍ଫ୍ୟୁଜାରି କରିଛନ୍ତି । ଇତିମଧ୍ୟରେ ଏହି ଘଟଣାରେ ନେପାଳର ସ୍ୱରାଷ୍ଟ୍ରମନ୍ତ୍ରୀ ରମେଶ ଲେଖକ ନୈତିକ ଦୃଷ୍ଟିରୁ ଇସ୍ତଫା ଦେଇଛନ୍ତି । ଗତକାଲିର ଘଟଣା ଉପରେ ଦଳଭିତରୁ ଏବଂ ବାହାରୁ ତାଙ୍କ ଉପରେ ଚାପ ପଡିଥିଲା ।

ନେପାଳ ଯୋଗାଯୋଗ ସୂଚନା ଓ ପ୍ରସାରଣ ମନ୍ତ୍ରୀ ପୃଥ୍ୱୀ ସୁବା ଗୁରୁଙ୍ଗ ଘୋଷଣା କରିଛନ୍ତି ଯେ ସରକାର ଜରୁରୀକାଳୀନ କ୍ୟାବିନେଟ୍ ବୈଠକ ପରେ ପୂର୍ବରୁ ସାମାଜିକ ଗଣମାଧ୍ୟମ ଗୁଡ଼ିକ ଉପରେ ଜାରି କରାଯାଇଥିବା ପ୍ରତିବନ୍ଧକକୁ ପ୍ରତ୍ୟାହାର କରିଛନ୍ତି । ଗୁରୁଙ୍ଗ୍ କହିଛନ୍ତି, ସରକାର ସମ୍ପୃକ୍ତ ସଂସ୍ଥା ଗୁଡ଼ିକୁ ସାମାଜିକ ଗଣମାଧ୍ୟମ ପୁନଃ ଆରମ୍ଭ ଲାଗି ନିର୍ଦ୍ଦେଶ ଦେଇଛନ୍ତି । ତିନି ଦିନ ପୂର୍ବରୁ ନେପାଳ ସରକାର ଫେସ୍‌ବୁକ୍, ଏକ୍ସ ସମେତ ୨୬ଟି ସାମାଜିକ ଗଣମାଧ୍ୟମ ଉପରେ ପ୍ରତିବନ୍ଧକ ଜାରି କରିଥିଲେ । ସମ୍ପୃକ୍ତ ଗଣମାଧ୍ୟମ ସଂସ୍ଥା ଗୁଡ଼ିକ ନେପାଳ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ପଞ୍ଜିକରଣ କରିନଥିଲେ । ସୂଚନା ଅନୁଯାୟୀ ଗତକାଲି ମଧ୍ୟରାତ୍ରିରେ ନେପାଳରେ ଫେସ୍‌ବୁକ୍, ଏକ୍ସ ଏବଂ ହ୍ୱାଟସ୍‌ଆପ୍ କାର୍ଯ୍ୟ କରିବା ଆରମ୍ଭ କରିଛି ।

## ସ୍ପୋର୍ଟ୍‌ସ ରାଉଣ୍ଡଅପ

ତାଜିକସ୍ତାନର ହିସୋର୍ କେନ୍ଦ୍ରୀୟ ଷ୍ଟାଡିୟମ୍‌ରେ କାଫା ନେସନ୍ସ କପ୍ ଫୁଟବ୍‌ଲ ପ୍ରତିଯୋଗିତାରେ ଓମାନ୍‌କୁ ପରାସ୍ତ କରି ଭାରତ ବ୍ରୋଞ୍ଜ ପଦକ

ହାସଲ କରିଛି । ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ଉଭୟ ଦଳ ପ୍ରଥମେ ଗୋଟିଏ ଲେଖାଏଁ ଗୋଲ୍ କରିଥିବା ବେଳେ ପେନାଲ୍ଟି ସୁଟ୍‌ଆଉଟ୍‌ରେ ଭାରତ ୩-୨ ଗୋଲ୍‌ରେ ବିଜୟୀ ହୋଇଥିଲା ।

ଆବୁଧାବିରେ ଆଜି ୧୭ତମ ଏସିଆକପ୍ କ୍ରିକେଟ୍ ଆରମ୍ଭ ହେବ । ଉଦ୍‌ଘାଟନୀ ମ୍ୟାଚ୍‌ରେ ଆଫ୍‌ଗାନିସ୍ତାନ ଏବଂ ହଂକଂ ମଧ୍ୟରେ ମୁକାବିଲା ହେବ । ଭାରତୀୟ ସମୟ ରାତି ୮ଟାରେ ମ୍ୟାଚ୍ ଆରମ୍ଭ ହେବ । ସେପ୍ଟେମ୍ବର ୨୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ୮ଟି ଦଳ ଭାଗ ନେଇଛନ୍ତି । ଟି-ଟ୍ୱେଣ୍ଟି ଫର୍ମାଟ୍‌ରେ ହେବାକୁ ଥିବା ଏହି ପ୍ରତିଯୋଗିତା ଆସନ୍ତା ବର୍ଷ ହେବାକୁ ଥିବା ଆଇ.ସି.ସି. ପୁରୁଷ ଟି-ଟ୍ୱେଣ୍ଟି ବିଶ୍ୱକପ୍ ପାଇଁ ପ୍ରସ୍ତୁତି ଭାବରେ ବିବେଚନା କରାଯାଉଛି । ଗ୍ରୁପ୍-ଏରେ ଭାରତ, ପାକିସ୍ତାନ, ଓମାନ ଏବଂ ୟୁ.ଏ.ଇ. ଥିବାବେଳେ ଗ୍ରୁପ୍-ବିରେ ଶ୍ରୀଲଙ୍କା, ଆଫ୍‌ଗାନିସ୍ତାନ, ହଂକଂ ଏବଂ ବାଂଲାଦେଶ ରହିଛନ୍ତି । ଆସନ୍ତାକାଲି ଦୁବାଇ ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମ୍‌ରେ ଭାରତୀୟ କ୍ରିକେଟ୍ ଦଳ ତାର ଅଭିଯାନ ଆରମ୍ଭ କରିବ ।

ଆଜିଠାରୁ ହଂକଂ ଓପନ୍ ୨୦୨୫ ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତା ଆରମ୍ଭ ହେବ । ଏଥିରେ ଦୁଇଥରର ଅଲିମ୍ପିକ୍ସ ପଦକ ବିଜେତା ପି.ଭି. ସିନ୍ଧୁ ଭାରତର ନେତୃତ୍ୱ ନେବେ । ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ସିନ୍ଧୁ ଡେନ୍‌ମାର୍କର ଲାଇନ୍ କ୍ରୀଷ୍ଟୋଫରସନ୍‌ଙ୍କ ସହ ମ୍ୟାଚ୍ ଖେଳିବେ । ପୁରୁଷ ଏକକ ବିଭାଗରେ ଲକ୍ଷ୍ୟ ସେନ୍, ଏଚ୍.ଏସ୍. ପ୍ରଣୟ, ଆୟୁଶ ସେଟ୍ଟୀ, କିଦାମ୍ବୀ ଶ୍ରୀକାନ୍ତ, ସାତ୍ୱୀକ ସାଇରାଜ ରାଙ୍କି ରେଡ୍ଡି ଓ ଚିରାଗ୍ ସେଟ୍ଟୀ ପ୍ରମୁଖ ଭାରତ ପକ୍ଷରୁ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ ବୋଲି ଜଣାପଡ଼ିଛି ।

........................................................................

# ଇସ୍ରୋ ଚେୟାରମ୍ୟାନ୍

ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ ଇସ୍ରୋର ଅଧ୍ୟକ୍ଷ ଭି. ନାରାୟଣନ କହିଛନ୍ତି ଅପରେସନ ସିନ୍ଦୂର ସମୟରେ ଭାରତର ସମସ୍ତ ଉପଗ୍ରହ ୨୪ଘଣ୍ଟା କାର୍ଯ୍ୟ କରୁଥିଲା ଏବଂ ସମସ୍ତ ଆବଶ୍ୟକତା ପୂରଣ କରିବାରେ ସକ୍ଷମ ହୋଇଥିଲା । ନୂଆଦିଲ୍ଲୀରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ନାରାୟଣନ କହିଛନ୍ତି ଭାରତର ଜ୍ଞାନକୌଶଳକୁ ବିଶ୍ୱସ୍ତରୀୟ କରିବା ଏବଂ ମହାକାଶ ଗବେଷଣା କ୍ଷେତ୍ରରେ ଆହୁରି ଦୃଢ଼ତା ହାସଲ କ୍ଷେତ୍ରରେ ଇସ୍ରୋର ଭୂମିକା ଗୁରୁତ୍ୱପୂର୍ଣ୍ଣ । ବିଶ୍ୱରେ ମହାକାଶ କ୍ଷେତ୍ରରେ ଭାରତ ପ୍ରମୁଖ ପ୍ରତିଯୋଗୀ ଭାବେ ଉଭା ହୋଇଥିବା ଶ୍ରୀ ନାରାୟଣନ କହିଛନ୍ତି ।

ଆୟୋଜିତ କାର୍ଯ୍ୟକ୍ରମରେ ସେନାମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ କହିଛନ୍ତି ଭାରତର ସେନାବାହିନୀ ଦେଶର ପ୍ରତିରକ୍ଷା ଉତ୍ପାଦନ, ରପ୍ତାନୀ ଏବଂ ନବସୃଜନ କ୍ଷେତ୍ରରେ ଗତିଶୀଳତା ଆଣିଛି ଏବଂ ଦେଶର ସୁରକ୍ଷା ଓ ଆତ୍ମନିର୍ଭରତା କ୍ଷେତ୍ରରେ ମଧ୍ୟ ସଫଳତା ହାସଲ କରିଛି । ସେ କହିଛନ୍ତି ଭାରତୀୟ ସେନା ଏବେ ପ୍ରତ୍ୟେକ ପରିସ୍ଥିତିର ମୁକାବିଲା କରିବା ଲାଗି ନିଜକୁ ପ୍ରସ୍ତୁତ କରିସାରିଛି ।

---